ଶ୍ରୀ ଅଶୋକ ଭି. ଡେଭିଡ୍

ବନାମ

ଭାରତ ସଂଘ ସରକାର ଏବଂ ଅନ୍ୟମାନେ

10 ମଇ, 1996

[ଜି.ବି. ରାୟ ଏବଂ ବି.ଏଲ୍. ହଂସାରିଆ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଭାରତୀୟ ପ୍ରଶାସନିକ ସେବା (ପଦୋନ୍ନତି ଦ୍ୱାରା ନିଯୁକ୍ତି) ନିୟମାବଳୀ, 1955 ।*

*ବରିଷ୍ଠତା -ରାଜ୍ୟ ପ୍ରଶାସନିକ ସେବା ଅଧିକାରୀମାନେ -14.7.1976ରେ ସନ୍ତୋଷଜନକ ଭାବେ ପରୀକ୍ଷା ସମାପ୍ତ -କିନ୍ତୁ 1962ର ଖାଲି ପଦବୀ ବିରୁଦ୍ଧରେ 1.1.1986ରେ ନିଶ୍ଚିତ କରାଗଲା —1983 ମସିହାରେ ଆଇଏଏସ୍ ପଦୋନ୍ନତି ପାଇଁ ବିଚାର କରାଯାଇନଥିବା ଅଧିକାରୀମାନେ -କିନ୍ତୁ କେତେକ ଅଧିକାରୀ 1962 ପରବର୍ତ୍ତୀ ବର୍ଷ ପାଇଁ ଖାଲି ପଡ଼ିଥିବା ପଦବୀ ପାଇଁ ନିଶ୍ଚିତ ହୋଇଥିଲେ -ତେବେ, 1987ର ଚୟନ ତାଲିକା ଅନୁଯାୟୀ ପରବର୍ତ୍ତୀ ସମୟରେ ଆଇ.ଏ.ଏସ୍. ପଦକୁ ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କୁ ସେହି ଅନୁଯାୟୀ ଆବଣ୍ଟନ ବର୍ଷ ଦିଆଯାଇଥିଲା - ନିର୍ଣ୍ଣୟ ହେଲା :ନିଶ୍ଚିତକରଣରେ ଅଯଥା ବିଳମ୍ବ ପାଇଁ କୌଣସି ଯଥାର୍ଥ କାରଣ ନଥିଲା -ମାମଲାର ପରିସ୍ଥିତିରେ, ଉକ୍ତ ଅଧିକାରୀମାନେ ଆଇ.ଏ.ଏସ୍.ରେ ଆବଣ୍ଟନର ବର୍ଷ ପାଇବାକୁ ହକଦାର ଥିଲେ କାରଣ ସେମାନଙ୍କୁ 1987 ରେ ନୁହେଁ ବରଂ 1983 ରେ ପ୍ରସ୍ତୁତ ଚୟନ ତାଲିକା ଅନୁସାରେ ମନୋନୀତ କରାଯାଇଥିଲା ।*

*ମହୀଶୂର ସରକାରୀ କର୍ମଚାରୀ (ପରୀକ୍ଷା) ନିୟମାବଳୀ, 1957 :ନିୟମ 5 ଏବଂ 9 ।*

*ନିଶ୍ଚିତକରଣ - ଆନୁଷ୍ଠାନିକ ଆଦେଶ ଜାରି କରିବାରେ ଅଯଥା ବିଳମ୍ବ - ପରୀକ୍ଷାର ସନ୍ତୋଷଜନକ ସମାପ୍ତି ପରେ - ନିର୍ଣ୍ଣୟ ହେଲା :ଅନୁଚିତ ।*

**ଅପିଲକାରୀମାନେ ରାଜ୍ୟ ପ୍ରଶାସନିକ ସେବାରେ ସିଧାସଳଖ ନିଯୁକ୍ତି ପାଇଥିଲେ ଏବଂ 14.7.1976ରେ ପରୀକ୍ଷା ଅବଧିକୁ ସନ୍ତୋଷଜନକ ଭାବେ ସମାପ୍ତ କରିଥିଲେ, କିନ୍ତୁ 1962 ମସିହାରେ ଖାଲି ପଦବୀ ପାଇଁ ସେମାନଙ୍କୁ 1.1.1986ରେ ନିଶ୍ଚିତ କରାଯାଇଥିଲା । ଫଳସ୍ୱରୂପ ଭାରତୀୟ ପ୍ରଶାସନିକ ସେବା (ପଦୋନ୍ନତି ଦ୍ୱାରା ନିଯୁକ୍ତି) ନିୟମାବଳୀ, 1955 ଅନୁଯାୟୀ 1983ରେ ପ୍ରସ୍ତୁତ ହୋଇଥିବା ଚୟନ ତାଲିକା ଅନୁଯାୟୀ ଅପିଲକାରୀମାନଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍.) ପଦୋନ୍ନତି ପାଇଁ ବିଚାର କରାଯାଇନଥିଲା । 1962 ପରବର୍ତ୍ତି ବର୍ଷଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପାଇଁ ନିଶ୍ଚିତ ହୋଇଥିବା କିଛି ଅଧିକାରୀଙ୍କୁ ପଦୋନ୍ନତି ପାଇଁ ବିଚାର କରାଯାଇଥିଲା । ତେବେ, ପରବର୍ତ୍ତୀ ସମୟରେ 1987ରେ ପ୍ରସ୍ତୁତ**

ହୋଇଥିବା ଏକ ଚୟନ ତାଲିକା ଅନୁଯାୟୀ ଅପିଲକାରୀମାନଙ୍କୁ ଆଇ.ଏ.ଏସ୍. ପଦକୁ ପଦୋନ୍ନତି ଦିଆଯାଇଥିଲା ଏବଂ ସେହି ଅନୁଯାୟୀ ଆବଣ୍ଟନ ବର୍ଷ ଦିଆଯାଇଥିଲା ।

ଅପିଲକାରୀମାନେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣରେ ଏକ ଆବେଦନ ଦାଖଲ କରିଥିଲେ ଯେ ସେମାନଙ୍କୁ ସେହି ବର୍ଷର ଆବେଣ୍ଟନ ଦିଆଯାଉ ଯାହା ସେମାନଙ୍କ କନିଷ୍ଠମାନଙ୍କୁ ଦିଆଯାଇଥିଲା, ଯାହା ଖାରଜ ହୋଇଯାଇଥିଲା । ଅପିଲକାରୀମାନେ ବ୍ୟଥିତ ହୋଇ ବର୍ତ୍ତମାନର ଅପିଲ ଆଗତ କରିଥିଲେ ।

ଅପିଲକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା ଯେ ମହୀଶୂର ସରକାରୀ କର୍ମଚାରୀ (ପରୀବିକ୍ଷା) ନିୟମାବଳୀ, **1957**ର ନିୟମ **5** ଏବଂ **9** ଅନୁଯାୟୀ, ଅପିଲକାରୀମାନେ ପରୀକ୍ଷା ଅବଧିର ସନ୍ତୋଷଜନକ ସମାପ୍ତି ପରେ ନିଶ୍ଚିତକରଣ ପାଇଁ ଯୋଗ୍ୟ ହୋଇଥିଲେ; ଏବଂ ସେମାନଙ୍କ ନିଶ୍ଚିତକରଣରେ ଅଯଥା ବିଳମ୍ବ ହେତୁ ସେମାନଙ୍କୁ କ୍ଷତି ସହିବାକୁ ପଡ଼ିବ ନାହିଁ ।

ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ: **1.1.** ମହୀଶୂର ସରକାରୀ କର୍ମଚାରୀ (ପରୀବିକ୍ଷା) ନିୟମାବଳୀ, **1957**ର ନିୟମ **5** ଓ **9**ର ମିଳିତ ପଠନରୁ ସ୍ପଷ୍ଟ ହୋଇଛି ଯେ ପରୀବିକ୍ଷା ଅବଧିର ସନ୍ତୋଷଜନକ ସମାପ୍ତି ପର୍ଯ୍ୟନ୍ତ ଜଣେ ପରୀବିକ୍ଷା କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ଭାବେ ବିବେଚନା କରାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ନିଶ୍ଚିତକରଣ ଆଦେଶ ପାରିତ ହୋଇନଥାଏ । ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆନୁଷ୍ଠାନିକ ନିଶ୍ଚିତକରଣ ଆଦେଶକୁ ଅଯୌକ୍ତିକ ଭାବେ ବିଳମ୍ବ କରାଯାଇପାରିବ ନାହିଁ, କାରଣ ବିଳମ୍ବ ସେହି କ୍ଷେତ୍ରଗୁଡ଼ିକରେ କ୍ଷତି ଘଟାଇଥାଏ, ଯେଉଁଠି ଉନ୍ନତ ସେବା ସର୍ତ୍ତ ପାଇବା ପାଇଁ ନିଶ୍ଚିତକରଣ ଏକ ପୂର୍ବ ସର୍ତ୍ତ ଅଟେ, ଯେପରି ବର୍ତ୍ତମାନର ମାମଲାରେ ଥିଲା ।

**1.2.**ଅପିଲକାରୀମାନେ **14.7.1976**ରେ ପରୀବିକ୍ଷା ଅବଧିକୁ ସନ୍ତୋଷଜନକ ଭାବେ ସମାପ୍ତ କରିଥିଲେ । ଏହା ସତ୍ତ୍ୱେ, **1962**ରେ ଘଟିଥିବା ଖାଲି ପଦବୀ ବିରୁଦ୍ଧରେ, **1.1.1986**ରୁ ଆବେଦନକାରୀଙ୍କ ଆନୁଷ୍ଠାନିକ ନିଶ୍ଚିତତାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେମାନଙ୍କ ନିଶ୍ଚିତକରଣରେ ଏହି ଅଯଥା ବିଳମ୍ବ ପାଇଁ କୌଣସି ଯଥାର୍ଥ କାରଣ ନଥିଲା । ତେଣୁ, ଅପିଲକାରୀଙ୍କ ବିଳମ୍ବିତ ନିଶ୍ଚିତତାକୁ ସେହି "ଗୌରବମୟ ଅନିଶ୍ଚିତତା"ର ଉଦାହରଣ ଭାବେ ନିଆଯାଇପାରେ, ଯାହା ନିଶ୍ଚିତତା ସମ୍ବନ୍ଧରେ ସେବା ବୃତ୍ତିରେ ଜଣାଶୁଣା ଏବଂ ଜଣେ ବିଚାର ବିଭାଗୀୟ ଅଧିକାରୀ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଭାବେ ଅବସର ନେବା ପରେ ଜିଲ୍ଲା ବିଚାରପତି ଭାବେ ନିଶ୍ଚିତ ହେବା ଦ୍ୱାରା ଏହା ପର୍ଯ୍ୟାପ୍ତ ଭାବେ ପ୍ରମାଣିତ ହୋଇଛି ।

**2.** ଏଥିରେ କୌଣସି ସନ୍ଦେହ ନାହିଁ ଯେ **1983**ରେ ପ୍ରସ୍ତୁତ ହୋଇଥିବା ଚୟନ ତାଲିକା ଅନୁଯାୟୀ ଅପିଲକାରୀମାନେ ବିଚାର ପାଇଁ ଯୋଗ୍ୟ ହୋଇଥିଲେ । ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ଅପିଲକାରୀଙ୍କୁ ଆବଣ୍ଟନର ସେହି ବର୍ଷ ଦିଆଯାଉ, ଯାହା ସେମାନଙ୍କ ପ୍ରାପ୍ୟ ଅଟେ, ଏହାକୁ ବିଚାର କରି ଯେ

**ଆଇ.ଏ.ଏସ୍. ପଦୋନ୍ନତି ପାଇଁ ସେମାନଙ୍କ ଚୟନ 1987ରେ ପ୍ରସ୍ତୁତ ହୋଇଥିବା ଚୟନ ତାଲିକା ଅନୁଯାୟୀ ନୁହେଁ, ବରଂ 1983ରେ ହୋଇଥିଲା ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 8391/1996 ଇତ୍ୟାଦି ।

A. ସଂଖ୍ୟା 329/1993ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ବାଙ୍ଗାଲୋରର 27.10.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସି.ଏସ୍. ବୈଦ୍ୟନାଥନ ଏବଂ ଡକ୍ଟର ରାଜୀବ ଧାୱନ, ଏ.କେ. ଗାଙ୍ଗୁଲି, ରାଜୁ ରାମଚନ୍ଦ୍ରନ, ଏସ୍.ଆର୍. ଭଟ୍ଟ, ଏନ୍.ଆର୍. ନାଥ, ସୁଶ୍ରୀ କିରଣ ଭରଦ୍ୱାଜ ।

ଉତ୍ତରଦାତାଙ୍କ ପାଇଁ ଏମ୍.ଏଲ୍. ଭଟ୍ଟ, ଏସ୍. ୱାସିମ୍ କାଦ୍ରି, ଅନୀଲ କଟିୟାର, ଶ୍ରୀମତୀ ସଙ୍ଗୀତା କୁମାର, ଏସ୍.କେ. କୁଲକର୍ଣ୍ଣି, କେ.ଆର୍. ନାଗରାଜ, ପି. ମହାଲେ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ହଂସାରିୟା ।** ଅନୁମତି ପ୍ରଦାନ କରାଗଲା ।

2. କର୍ଣ୍ଣାଟକ ପ୍ରଶାସନିକ ସେବାରେ ସିଧାସଳଖ ନିଯୁକ୍ତି ପାଇଥିବା ଅପିଲକାରୀମାନେ ଭାରତୀୟ ପ୍ରଶାସନିକ ସେବା (ପଦୋନ୍ନତି ଦ୍ୱାରା ନିଯୁକ୍ତି) ନିୟମାବଳୀ, 1955 ଅନୁଯାୟୀ 1982 ମସିହାରେ ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍.)କୁ ପଦୋନ୍ନତି ପାଇଁ ବିଚାର ହେବାକୁ ଥିଲେ । ତେବେ, ସେମାନଙ୍କୁ ସେଭଳି ବିବେଚନା କରାଯାଇନଥିଲା, କାରଣ ସେମାନେ ବିଚାର କ୍ଷେତ୍ର ମଧ୍ୟରେ  ଆସିନଥିଲେ, କାରଣ ବରିଷ୍ଠତା ତାଲିକାରେ ସେମାନଙ୍କ ସ୍ଥାନ ନିମ୍ନରେ ଥିଲା, ଏବଂ ବିଚାର କ୍ଷେତ୍ର ମଧ୍ୟରେ ଆସିବା ପାଇଁ ବିଚାରକୁ ନିଆଯିବା ବ୍ୟକ୍ତିଙ୍କ ସଂଖ୍ୟା କେବଳ ଦୁଇଥର ହୋଇପାରେ, ତେଣୁ ସେମାନଙ୍କୁ ବାଦ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କ ବରିଷ୍ଠତା ପଦବୀକୁ ସେମାନଙ୍କ ସୁବିଧା ପାଇଁ ପରିବର୍ତ୍ତନ କରାଯାଇଥିଲା ଏଥିରେ କୌଣସି ବିବାଦ ନାହିଁ । ଏହା ମଧ୍ୟ ବିବାଦର ବିଷୟ ନୁହେଁ ଯେ ଯଦି ବରିଷ୍ଠତା ତାଲିକାରେ ସେମାନଙ୍କର ସ୍ଥାନ ପୂର୍ବରୁ ସଠିକ୍ ଭାବରେ ପ୍ରତିଫଳିତ ହୋଇଥାନ୍ତା, ତେବେ ସେମାନେ ବିଚାର କ୍ଷେତ୍ର ମଧ୍ୟରେ ରହିଥାନ୍ତେ । ଯେତେବେଳେ 1983 ଡିସେମ୍ବରରେ ଚୟନ କମିଟି ଗଠିତ ହେଲା ।

3. ଅପିଲକାରୀଙ୍କ ମାମଲା ହେଉଛି ଯେ ବରିଷ୍ଠତା ତାଲିକାରେ ଭୁଲ ସ୍ଥାନ ପାଇଁ ଡିସେମ୍ବର 1983 ରେ ସେମାନଙ୍କୁ ବିଚାରକୁ ଗ୍ରହଣ ନକରିବାରୁ, ଆଇ.ଏ.ଏସ୍. କୁ ସେମାନଙ୍କର ପଦୋନ୍ନତି ବିଳମ୍ବିତ ହୋଇଥିଲା, ଯାହାର ପରିଣାମ ସ୍ୱରୂପ ସେମାନଙ୍କୁ ଉପଯୁକ୍ତ ବର୍ଷ ବଣ୍ଟନ କରାଯାଇ ନଥିଲା । ତେଣୁ, ସେମାନେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ନିକଟରେ ଆବେଦନ କରି ଭାରତ ସଂଘଙ୍କୁ ଆବଣ୍ଟନ ବର୍ଷକୁ 1979(1982 ପରିବର୍ତ୍ତେ) କରିବାକୁ ନିର୍ଦ୍ଦେଶ ଦେବା ପାଇଁ ପ୍ରାର୍ଥନା କରିଥିଲେ, ଯାହା ପ୍ରକୃତରେ ଅପିଲକାରୀଙ୍କଠାରୁ କନିଷ୍ଠ

ବ୍ୟକ୍ତିମାନଙ୍କୁ ଦିଆଯାଇଥିଲା, କିନ୍ତୁ ସେମାନଙ୍କୁ ପୂର୍ବରୁ ବରିଷ୍ଠ ବୋଲି ଦର୍ଶାଯାଇଥିଲା, ଯାହା ପରେ ପରିବର୍ତ୍ତନ କରାଯାଇଥିଲା । ଏହାକୁ ଅସ୍ୱୀକାର କରାଯାଇଛି । ତେଣୁ ଏହି ଆବେଦନଗୁଡ଼ିକ ।

4. ଭାରତ ସଂଘ ପକ୍ଷରୁ ଉପସ୍ଥିତ ଶ୍ରୀ ଭାଟ୍‌ଙ୍କ ମୁଖ୍ୟ ଯୁକ୍ତି ଥିଲା ଯେ ଅପିଲକାରୀଙ୍କ ବରିଷ୍ଠତା ପୁନଃସ୍ଥାପନ ସତ୍ତ୍ୱେ ଯେତେବେଳେ ଡିସେମ୍ବର 1983 ରେ ଚୟନ କମିଟି ସ୍ଥିର କରାଯାଇଥିଲା ସେତେବେଳେ ସେମାନେ ବିଚାର କ୍ଷେତ୍ର ମଧ୍ୟରେ ରହିପାରି ନ ଥିଲେ, କାରଣ ଅପିଲକାରୀମାନଙ୍କୁ 1.1.1986 ରୁ ନିଶ୍ଚିତ କରାଯାଇଥିଲା; ଏବଂ ଏହା ଜଣେ ନିଶ୍ଚିତ ବ୍ୟକ୍ତି ଯିଏ ବିଚାର ପାଇଁ ଯୋଗ୍ୟ ହୋଇଯାଆନ୍ତି । ଯଦିଓ ଏଥିରେ କୌଣସି ବିବାଦ ନାହିଁ ଯେ ଆବେଦନକାରୀଙ୍କ ସମ୍ବନ୍ଧରେ ଆନୁଷ୍ଠାନିକ ନିଶ୍ଚିତତା 1.1.1986ରୁ କାର୍ଯ୍ୟକାରୀ ହୋଇଥିଲା, ତଥାପି ଶ୍ରୀ ଗାଙ୍ଗୁଲି ଏବଂ ଶ୍ରୀ ବୈଦ୍ୟନାଥନ୍ ଆବେଦନକାରୀଙ୍କ ପକ୍ଷରୁ ଯେଉଁ ମାମଲା ଉପସ୍ଥାପନ କରିଥିଲେ, ତାହା ହେଉଛି ମହୀଶୂର ସରକାରୀ କର୍ମଚାରୀ (ପରୀବିକ୍ଷା) ନିୟମାବଳୀ, 1957ର ବ୍ୟବସ୍ଥା ଅନୁଯାୟୀ, ଜଣେ ପରୀବିକ୍ଷା କର୍ମଚାରୀ ପରୀବିକ୍ଷା ଅବଧିର ସନ୍ତୋଷଜନକ ସମାପ୍ତି ପରେ ନିଶ୍ଚିତତା ପାଇଁ ଯୋଗ୍ୟ ହୋଇଥାଏ; ଏବଂ ଯଦି ଅଯଥାର୍ଥ କାରଣରୁ ନିଶ୍ଚିତତାର ଆନୁଷ୍ଠାନିକ ଆଦେଶ ବିଳମ୍ବ ହୁଏ, ତେବେ କର୍ମଚାରୀଙ୍କୁ କ୍ଷତି ସହିବାକୁ ପଡ଼ିବ ନାହିଁ । କିନ୍ତୁ, କର୍ଣ୍ଣାଟକ ରାଜ୍ୟ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, କୌଣସି ପରୀବିକ୍ଷା କର୍ମଚାରୀଙ୍କୁ କେବଳ ପରୀବିକ୍ଷାର ସନ୍ତୋଷଜନକ ସମାପ୍ତି ପର୍ଯ୍ୟନ୍ତ ଜଣେ ନିଶ୍ଚିତ କର୍ମଚାରୀ ଭାବେ ବିବେଚନା କରାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ନିଶ୍ଚିତକରଣର ଆଦେଶ ପାରିତ ହୋଇନଥାଏ । ବିଜ୍ଞ ଓକିଲଙ୍କ ଅନୁଯାୟୀ, ଉପରୋକ୍ତ ପରୀବିକ୍ଷା ନିୟମାବଳୀର ନିୟମ 5 ଓ ୨ର ମିଳିତ ପଠନରୁ ଏହା ଜଣାପଡ଼ିଛି । ବିଜ୍ଞ ଓକିଲଙ୍କ ଏହି ଯୁକ୍ତିରେ ଦୃଢତା ଥିଲେ ମଧ୍ୟ, ଆମେ ନିଃସନ୍ଦେହ ଏହା ଗ୍ରହଣ କରୁଛୁ ଯେ ଆନୁଷ୍ଠାନିକ ନିଶ୍ଚିତକରଣ ଆଦେଶ ଅଯୌକ୍ତିକ ଭାବେ ବିଳମ୍ବ କରାଯାଇପାରିବ ନାହିଁ, କାରଣ ବିଳମ୍ବ ସେହି କ୍ଷେତ୍ରରେ କ୍ଷତି ଘଟାଇଥାଏ ଯେଉଁଠାରେ ଉନ୍ନତ ସେବା ସର୍ତ୍ତ ପାଇବା ପାଇଁ ନିଶ୍ଚିତକରଣ ଏକ ପୂର୍ବ ସର୍ତ୍ତ ଅଟେ, ଯେପରି ଏହି ମାମଲାରେ ଥିଲା ।

5. ଦୁଇ ଜଣ ଅପିଲକାରୀଙ୍କ ସମ୍ପର୍କରେ ସେମାନଙ୍କ ନିଶ୍ଚିତତା ସମ୍ବନ୍ଧୀୟ ତଥ୍ୟ ହେଉଛି ଯେ 1977 ମସିହା ନଭେମ୍ବର 14 ତାରିଖରେ ଏକ ଆଦେଶନାମା ଜାରି କରାଯାଇଥିଲା ଯେ କର୍ଣ୍ଣାଟକ ସରକାର ଖୁସିର ସହିତ ଘୋଷଣା କରନ୍ତି ଯେ ଅଧିକାରୀମାନେ 14.7.1976ରେ ପରୀବିକ୍ଷା ଅବଧିକୁ ସନ୍ତୋଷଜନକ ଭାବେ ସମାପ୍ତ କରିଛନ୍ତି । ଏହା ସତ୍ତ୍ୱେ 1.1.1986ରୁ ଆନୁଷ୍ଠାନିକ ସ୍ୱୀକୃତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅଯଥା ବିଳମ୍ବର କୌଣସି ଯଥାର୍ଥ କାରଣ ଆମେ 1.1.1990 ରେ କର୍ଣ୍ଣାଟକ ପ୍ରଶାସନିକ ସେବା ବର୍ଗ 'A' (କନିଷ୍ଠ କ୍ରମ) ଅଧିକାରୀଙ୍କ ସଂଶୋଧିତ ପଦକ୍ରମ ତାଲିକାରୁ ପାଇନାହୁଁ, ଯାହାର ଏକ ନକଲ SLP (C) ନଂ. 12129/1994ରୁ ଉତ୍ପନ୍ନ ହୋଇଥିବା ଅପିଲ୍‌ରେ କାଗଜ ପୁସ୍ତକର ପୃଷ୍ଠା 144 ରୁ 188 ରେ ଅଛି, ପୃଷ୍ଠା 167 ରୁ ଜଣାପଡୁଛି ଯେ ଅପିଲକାରୀମାନେ 25.6.1962 ଏବଂ 4.7.1962 ରେ ହୋଇଥିବା ଖାଲି ପଦବୀ ବିରୁଦ୍ଧରେ ନିଶ୍ଚିତ ହୋଇଥିଲେ । ତେଣୁ 1.1.1986ରୁ ସେମାନଙ୍କୁ ନିଶ୍ଚିତ କରିବା ପାଇଁ କୌଣସି ଯଥାର୍ଥ କାରଣ ନଥିଲା, କାରଣ ସେମାନେ 14.7.1976 ମସିହାରୁ ପରୀବିକ୍ଷା ଅବଧିକୁ ସନ୍ତୋଷଜନକ ଭାବେ ସମାପ୍ତ କରିସାରିଥିଲେ । ଏହା

ମଧ୍ୟ ଉଲ୍ଲେଖ କରିବା ଉଚିତ ଯେ ଡିସେମ୍ବର 1983 ରେ ଚୟନ କମିଟି ଗଠନ ସମୟରେ ଯେଉଁ ଉତ୍ତରଦାତାମାନଙ୍କ ନାମ ବିଚାର କ୍ଷେତ୍ର ମଧ୍ୟରେ ସ୍ଥାନ ପାଇଥିଲା, ସେମାନଙ୍କୁ 5.2.1963 ଏବଂ 31.7.1976 ରେ ସୃଷ୍ଟ ଖାଲି ପଦବୀ ପାଇଁ ନିଶ୍ଚିତ କରାଯାଇଥିଲା I ତେଣୁ, ଅପିଲକାରୀଙ୍କ ବିଳମ୍ବିତ ନିଶ୍ଚିତତାକୁ ସେହି "ଗୌରବମୟ ଅନିଶ୍ଚିତତା"ର ଉଦାହରଣ ଭାବେ ନିଆଯାଇପାରେ, ଯାହା ସେବା ବୃତ୍ତିରେ ଜଣାଶୁଣା ଏବଂ ଜଣେ ବିଚାର ବିଭାଗୀୟ ଅଧିକାରୀ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଭାବେ ଅବସର ନେବା ପରେ ଜିଲ୍ଲା ବିଚାରପତି ଭାବେ ନିଶ୍ଚିତ ହେବା ଦ୍ୱାରା ଏହା ଯଥେଷ୍ଟ ରୂପେ ପ୍ରମାଣିତ ହୋଇଥାଏ I

ଉପରୋକ୍ତ ପରିପ୍ରେକ୍ଷୀରେ, ଆମର କୌଣସି ସନ୍ଦେହ ନାହିଁ ଯେ ଡିସେମ୍ବର, 1983 ରେ ଚୟନ କମିଟି ଦ୍ୱାରା ସ୍ଥିର ହୋଇଥିବା ସମୟରେ ଅପିଲକାରୀମାନେ ବିଚାର ପାଇଁ ଯୋଗ୍ୟ ହୋଇସାରିଥିଲେ, ତେଣୁ ଆମେ ଭାରତ ସଂଘକୁ ନିର୍ଦ୍ଦେଶ ଦେଉଛୁ ଯେ ଅପିଲକାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ଆବଣ୍ଟନ ବର୍ଷ ଦିଆଯାଉ, ଏହା ବିବେଚନା କରି ଯେ ଆଇଏଏସ୍ କୁ ପଦୋନ୍ନତି ପାଇଁ ସେମାନଙ୍କର ଚୟନ 1987 ରେ ପ୍ରସ୍ତୁତ ଚୟନ ତାଲିକା ଅନୁସାରେ ନୁହେଁ, ବରଂ 1983 ରେ ହୋଇଥିଲା I ଆଜିଠାରୁ ଦୁଇ ମାସ ମଧ୍ୟରେ ଭାରତ ସଂଘ ଏହି ବିଷୟରେ ଆବଶ୍ୟକ ଆଦେଶନାମା ଜାରି କରିବେ I

7. ସେହି ଅନୁଯାୟୀ ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି I ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଆମେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ଦେଉ ନାହୁଁ I

ଭି.ଏସ୍.ଏସ୍. ଅପିଲଗୁଡ଼ିକୁ ଅନୁମତି ଦିଆଗଲା I

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।